ଓଡିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

***

No RDM-LAA-KHD-0015-2018/ 15321 R&DM, dated 28 MAY 2019

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

ରାଜ୍ୟ ସରକାର ପ୍ରଭାବିତ ମହାନଗର ନିଗମଙ୍କ ପରାମର୍ଶକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ( Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ।

୧. ପ୍ରକଳ୍ପ ବିକାଶକାରୀ ଙ୍କ ନାମ :- ପର୍ଯ୍ୟଟନ ଅଧିକାରୀ , ଭୁବନେଶ୍ୱର ।

୨.ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ- ଅନନ୍ତ ବାସୁଦେବ ମନ୍ଦିର ପଛ ପାଖ ରାସ୍ତା ନିର୍ମାଣ ନିମନ୍ତେ ।

୩. SIA ସର୍ବେକ୍ଷଣ ଅନୁଷ୍ଠାନ : M/s, AGRANEE, Mayurbhanj an empanelled agency under Nabakrushna Choudhury Centre for Development Studies , Bhubaneswar

୪.SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା ;- Nabakrushna Choudhury Centre for Development Studies , Bhubaneswar ,Phone No. 0674,2300471, 2301094

୫. ପ୍ରକଳ୍ପ ପାଇଁ ଖୋର୍ଦ୍ଧା ଜିଲ୍ଲା ରେ ପ୍ରସ୍ତାବିତ ଭୁ ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ |
|---|---|---|---|---|
| ୧ | ଭୁବନେଶ୍ୱର | ଭୁବନେଶ୍ୱର ସହର ୟୁନିଟ-୨୮ , ଗୌତମ ନଗର | ୦.୨୨୭ | |
| | ମୋଟ | | ୦.୨୨୭ | |

ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି ।

a) **ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ :-** ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଅନନ୍ତ ବାସୁଦେବ ମନ୍ଦିର ପଛ ପାଖ ରାସ୍ତା ନିର୍ମାଣ ନିମନ୍ତେ ଭୁବନେଶ୍ୱର ସହର ୟୁନିଟ-୨୮ , ଗୌତମ ନଗର ମୌଜା ରେ ପର୍ଯ୍ୟଟନ ଅଧିକାରୀ , ଭୁବନେଶ୍ୱର ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

b) **SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :-** ଖୋର୍ଦ୍ଧା ଜିଲ୍ଲା ରେ ଉପରୋକ୍ତ ଗ୍ରାମରେ ଏକର ୦.୨୨୭ ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

---

c) **SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ :-** ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୂଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ଭୂମି ଅଧିଗୃହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭା ମାନଙ୍କରେ ଜନଶୁଣାଣି କରାଯିବ।

d) **ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ?** ସହମତି ଆବଶ୍ୟକ ।

e) SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୬ ମାସ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୁଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

ଅଭୟ କୁମାର ନାୟକ

ଅତିରିକ୍ତ ଶାସନ ସଚିବ

# ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ

ଜିଲ୍ଲା - ଖୋର୍ଦ୍ଧା

ତହସିଲ - ଭୁବନେଶ୍ୱର

ମୌଜା - ଭୁବନେଶ୍ୱର ସହର ୟୁନିଟ-୨୮ ଗୌତମ ନଗର

| ଗ୍ରାମ ର ନାମ | ତହସିଲ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଭୁବନେଶ୍ୱର ସହର ୟୁନିଟ-୨୮ ଗୌତମ ନଗର | ଭୁବନେଶ୍ୱର | ସହରାଞ୍ଚଳ | ୧୦୩୯ | ୩୩୨୨ | ଘରବାରି-୧ | ଏ 0. ୬୦୩ | ଏ0. ୨୨୭ | ଶ୍ରୀ ଗୋପିନାଥଦେବ ବିଜେ ବ୍ରାହ୍ମଣ ଷଡଙ୍ଗି ଥାନା :,ବାଲିଅନ୍ତା ମାର୍ଫତ ବା:, ରେବତୀକାନ୍ତ ମହାପାତ୍ର, ରଜନୀକାନ୍ତ ମହାପାତ୍ର, ନଳିନିକାନ୍ତ ମହାପାତ୍ର, ଲକ୍ଷ୍ମି କାନ୍ତ ମହାପାତ୍ର, ରାଧାକାନ୍ତ ମହାପାତ୍ର, କମଳାକାନ୍ତ ମହାପାତ୍ର, ବାସନ୍ତି ଦେବୀ, ଶାନ୍ତିଲତା ଦେବୀ, ଜୟନ୍ତ ଦେବୀ ପି: ଶ୍ରୀହରି ମହାପାତ୍ର, ସତୀ ଦିବ୍ୟା ସ୍ୱା: ଶ୍ରୀହରି ମହାପାତ୍ର, ବଳରାମ ମହାପାତ୍ର ପି: ବାସୁଦେବ ମହାପାତ୍ର, ରାମ ଚନ୍ଦ୍ର ମହାପାତ୍ର ପି: ଦିବ୍ୟସିଂହ ମହାପାତ୍ର, ଗନ୍ଧର୍ବ ମହାପାତ୍ର ପି: ଜୟକୃଷ୍ଣ ମହାପାତ୍ର, ଗୁରୁବାରି ମହାପାତ୍ର ପି: ଲିଙ୍ଗରାଜ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ମହାପାତ୍ର ପି: ଚନ୍ଦ୍ରଶେଖର ମହାପାତ୍ର, ଲକ୍ଷ୍ମିଧର ମହାପାତ୍ର ପି: ଦୟାନିଧି ମହାପାତ୍ର ଜା: ବ୍ରାହ୍ମଣ ବା: ନିଜଗାଁ |

ମୋଟ ଏ. ୦.୨୨୭ଡିସିମିଲ

(Amin)

ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା